# Akashvani, Sambalpur

## SAMBALPURI NEWS EVENING BULLETIN

**23 June 2025- 7.02 pm- 7.12 pm.**

**************************************************

୧- ଯୁଆନ୍ ବର୍ଗ ହେଉଛନ୍ ସମାଜ୍‌ର ଶକ୍ତି, ସାମର୍ଥ୍ୟ ଆଉ ଭବିଷ୍ୟତ୍- ଯୁବଶକ୍ତି ସମାବେଶ୍‌ଥି କହେଲେ ମୁଖ୍ୟମନ୍ତ୍ରୀ ।

୨- ଛୁଆମାନ୍‌କର୍ ସୁରକ୍ଷା ଆଉ ବିକାଶ୍ ଲାଗି ଶୁଭାରମ୍ଭ ହେଲା 'ଆମରି ଶିଶୁ' ୱେବ୍ ପୋର୍ଟାଲ୍ ।

୩- ସମ୍ବଲ୍‌ପୁର୍ ଆଉ ଦେବ୍‌ଗଡ୍ ଜିଲ୍ଲାକେ ପଂଚଦଶ ଅର୍ଥ କମିଶନ୍ ଅନୁଦାନ୍ ଯୁଗେଇ ଦେବାର୍‌କେ କେନ୍ଦ୍ର ଗୃହ ନିର୍ମାଣ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରୀଙ୍କୁ ଅନୁରୋଧ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ଅଣସର ତ୍ରୟୋଦଶୀ ତିଥି ନ ଆଏଜ୍ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ହେଲା ଘଣାଲାଗି ନୀତି ।

ଯୁବଶକ୍ତି ସମାବେଶ/ଆର୍‌ଏନ୍‌ୟୁ ସମ୍ବଲପୁର/ଛତ୍ରପୁର୍
ସମ୍ବାଦଦାତା

ଯୁଆନ୍ ଗୋଷ୍ଠୀ ହେଉଛନ୍ ସମାଜ୍‌ର ଶକ୍ତି, ସାମର୍ଥ୍ୟ ଆଉ ଭବିଷ୍ୟତ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଞ୍ଜାମ୍ ଜିଲ୍ଲା ଆସିକା ଠାନେ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ହେଇଥିବା ଯୁବଶକ୍ତି ସମାବେଶ୍‌କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଯୁଆନ୍ ଗୋଷ୍ଠୀ ହେଉଛନ୍ ଅସୀମିତ ଶକ୍ତିର୍ ଭଣ୍ଡାର୍ । ମାତର୍‌କ ଗୁଣାତ୍ମକ ଶିକ୍ଷାର୍ ବିନା ବିକାଶ୍ ନାଇଁ ହେଇପାରେ । ଇଥିର୍‌ଲାଗି ଜାତୀୟ ଶିକ୍ଷାନୀତି ଲାଗୁ କରାହେଇଛେ । ଯୁଆନ୍ ଗୋଷ୍ଠୀଙ୍କୁ ଚାକିରୀର୍ ଯୋଗ୍ୟ ବନାବାର୍ ଲାଗି ରାଜ୍ୟର୍ ୫୮ ଟା କଲେଜ୍ ନ ଶିଳ୍ପ କ୍ଷେତ୍ରଥି ବ୍ୟବହାରିକ୍ ତାଲିମ୍ ବ୍ୟବସ୍ଥା କରାଯାଇଛେ । ଆଗ୍‌କେ ଅଏତ୍‌କା କଲେଜ୍ ନ ଇ ତାଲିମ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଜଳସମ୍ପଦ୍, ସେତୁ, ରାସ୍ତା ତିଆରି ଲାଗି ୫ ଶହ ୫୦ କୋଟି ଟଙ୍କାର୍ ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ଆମରି ଶିଶୁ' ୱେବ୍ ପୋର୍ଟାଲ୍ ଉନ୍ମୋଚିତ୍ I&PR

ଛୁଆମାନ୍‌କର୍ ଯତନ୍, ସୁରକ୍ଷା ଆଉ ବିକାଶ୍ ଲାଗି ରାଜ୍ୟ ମହିଳା ଆଉ ଶିଶୁ କଲ୍ୟାଣ୍ ବିଭାଗ୍ ତର୍‌ଫୁ 'ଆମରି ଶିଶୁ' ୱେବ୍ ପୋର୍ଟାଲ୍ ଉନ୍ମୋଚିତ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ ଆର୍ ମହିଳା ଆଉ ଶିଶୁ କଲ୍ୟାଣ୍ ବିଭାଗ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍ କେନ୍ଦ୍ର ଠାନେ ଇତାକେ ଉନ୍ମୋଚନ୍ କରିଛନ୍ । ପୋର୍ଟାଲ୍‌ଥି ଛୁଆର୍ ଜନମ୍ ଠାନୁ ମୁଲ୍ କରିକରି ପୋଷଣ୍‌ର ସବୁ ତଥ୍ୟର୍ ରେକର୍ଡ଼ ରହେବା । ଇତାର୍ ଜରିଏ ଫି' ବ୍ଲକ୍ ନ କେତେ ଶିଶୁ ଅପପୁଷ୍ଟିର୍ ଶିକାର୍ ହେଇଛନ୍ ସେଟା ଜନାପଡ଼୍‌ବା । ଇତାକେ ଆଧାର୍ କରିକରି ସମସ୍ୟାର୍ ସମାଧାନ୍ କରାଯାଇପାର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ରାଜସ୍ୱ ମନ୍ତ୍ରୀ-ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

ରାଜ୍ୟବାସୀଙ୍କୁ ଅତି ସହଜ୍ ଆର୍ ସରଲ୍ ଭାବେ ରାଜସ୍ୱ ସେବା ଯୁଗେଇ ଦେବାର୍ ଲାଗି ସର୍‌କାର୍ ଖୋବ୍ ଜଲ୍‌ଦି ମୋବାଇଲ୍ ଆପ୍‌ର ଶୁଭାରମ୍ଭ କର୍‌ବେ ବଲି ରାଜସ୍ୱ ଆଉ

ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ଆପ୍ ଜରିଏ ଜାତି ପ୍ରମାଣପତ୍ର ଠାନୁ ମୁଲ୍ କରିକରି, ଖଜଣା ଜମା କର୍‌ବାର୍‌ତକ୍ ସବୁ ସୁବିଧା ମିଳିପାର୍‌ବା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ । ସମ୍ବଲ୍‌ପୁର୍ ସହରର୍ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍‌କେ ପରିଦର୍ଶନ୍ କର୍‌ବାର୍ ଅବ୍‌ସରେ ଶ୍ରୀ ପୂଜାରୀ ରାଜସ୍ୱ ବିଭାଗ୍‌ର ସଂସ୍କାର୍‌ମୂଳକ୍ ପଦକ୍ଷେପ୍ ବାବ୍‌ଦେ କହିଛନ୍ ।

ଡାଇରିଆ ଥିତି-ସ୍ୱାସ୍ଥ୍ୟମନ୍ତ୍ରୀ ହି.ସ.

ରାଏଜେ ଡାଇରିଆ ଥିତି ଆଏତେ ରହିଛେ ଆଉ ନୂଆଁ ଆକ୍ରାନ୍ତଙ୍କର୍ ସଂଖ୍ୟା ବେଶୀ ନାଇଁ ଆସ୍‌ବାର୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ କହିଛନ୍ । ସେ କହିଛନ୍, ଡାଇରିଆ ଥିତି ଉପ୍‌ରେ ମୁଖ୍ୟମନ୍ତ୍ରୀ ପୁରା ନଜର୍ ରଖିଛନ୍ । ରଥଯାତ୍ରା ସମିଆଥି ପୁରୀ ନ ଯେନ୍ତା ଡାଇରିଆ ନାଇଁ ଚାପ୍‌ବା ସେତାର୍ ଉପ୍‌ରେ ସ୍ୱତନ୍ତ୍ର ଧ୍ୟାନ୍ ଦିଆଯାଉଛେ । ରାଜ୍ୟର୍ ବାକି ଇଲାକାମାନ୍‌କର୍ ଭିଲ୍ ଥିତି ଉପ୍‌ରେ ନଜର୍ ରଖାଯାଇଛେ । ହେଲେଭିଲ୍ ଲୁକ୍‌କୁ ସଚେତନ୍ ରହେବାର୍‌କେ ପରାମର୍ଶ ଦିଆଯାଉଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ଶ୍ୟାମାପ୍ରସାଦ୍ ମୁଖାର୍ଜୀ-ବଳିଦାନ୍ ଦିବସ

ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଆଉ ଭାରତୀୟ ଜନସଂଘର୍ ପ୍ରତିଷ୍ଠାତା ଡକ୍ଟର୍ ଶ୍ୟାମାପ୍ରସାଦ୍ ମୁଖାର୍ଜୀଙ୍କର୍ ୭୨ ତମ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ଆଏଜ୍ ଦେଶେ ବଳିଦାନ୍ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍‌ଥି ଲେଖିଛନ୍, ଶ୍ୟାମାପ୍ରସାଦ୍ ମୁଖାର୍ଜୀ ଦେଶର୍ ଅଖଣ୍ଡତା ବଜାୟ ରଖିବାର୍ ଲାଗି ଅଦମ୍ୟ ସାହସ୍ ଆର୍ ଚେରେଷ୍ଟା କରିଥିଲେ । ରାଷ୍ଟ୍ର ନିର୍ମାଣ୍ ଦିଗେ ତାଙ୍କର୍ ମୂଲ୍ୟବାନ୍ ଅବଦାନ୍‌କେ ସବୁବେଳେ ସୁର୍‌ତା କରାଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଡକ୍ଟର୍ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ତାଙ୍କୁ ରାଷ୍ଟ୍ରୀୟ ଏକତା ଆଉ ଅଖଣ୍ଡତାର୍ ପ୍ରତୀକ୍ ବଲି କହିଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଡକ୍ଟର୍ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ଦେଶ୍ ଲାଗି ତାଙ୍କର୍ ବଳିଦାନ୍ ସବୁଦିନ ସୁର୍‌ତା ହେଇ ରହେବା ବଲି କହିଛନ୍ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଗୁଟେ ସାଧାରଣ ସଭାର୍ ଆୟୋଜନ୍

କରାଯାଇଛେ । ସଭାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇଛନ୍ ।

**୧୧ ବଛର୍ ଶାସନ୍ ଆର୍ଏନ୍ୟୁ/ କଟକ୍**

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସେବା, ସୁଶାସନ୍ ଆଉ ଗରିବ୍ କଲ୍ୟାଣ୍ ନୀତି ଜରିଏ ପରିଚାଲିତ୍ ଭାରତ୍ ନ ଗଲା ୧୦ ବଛର୍ ଭିତ୍‌ରେ ଉଲ୍ଲେଖନୀୟ ପରିବର୍ତନ୍ ହେଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦୁରଦୃଷ୍ଟି ଆଉ ପ୍ରତିବଦ୍ଧତା ଦେଶ୍‌କେ ବିଶ୍ୱବାସୀଙ୍କର୍ ଆଗାଡ଼େ ଗୁଟେ ସଶକ୍ତ ଦେଶ୍ ଭାବେ ଠିଆ କରିପାରିଛେ । ସର୍‌କାର୍ ଅନ୍ତର୍ଭୁକ୍ତମୂଲକ୍ ଅଭିବୃଦ୍ଧି ଉପ୍‌ରେ ପ୍ରତିବଦ୍ଧତାକେ ବର୍‌କସ୍ କର୍‌ବାର୍ ସଙ୍ଗେ ସଂଖ୍ୟାଲଘୁ ସମ୍ପ୍ରଦାୟର୍ ଲୁକ୍‌କର୍ ଉପ୍‌ରେ ବିଶେଷ୍ ଧ୍ୟାନ୍ ଦେଇ ଆସୁଛନ୍ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍‌ର ଖାସ୍ ରିପୋର୍ଟ...

(ଭଏସ୍ ଓଭର୍)

*ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ଶିକ୍ଷା, ଆର୍ଥିକ୍ ସଶକ୍ତିକରଣ୍ ଆଉ ଭିତିଭୂମି ବିକାଶ୍ ଉପ୍‌ରେ ଦେଶ୍ ଧ୍ୟାନ୍ କେନ୍ଦ୍ରିତ କରିକରି ଆଗ୍‌କେ ବଢ଼ିଚାଲିଛେ । ଗଲା ୧୦ ବଛର୍ ଭିତ୍‌ରେ ଦେଶର୍ ସଂଖ୍ୟାଲଘୁ ସମ୍ପ୍ରଦାୟର୍ ଲୁକ୍‌କର୍ ଲାଗି ସର୍‌କାର୍‌ଙ୍କର୍ ତରଫୁ*

ଭିନ୍ ଭିନ୍ ସଂସ୍କାରମୂଳକ୍ ପଦକ୍ଷେପ୍ ନିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ୧୮ ହଜାର୍ ୪ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ଜାତୀୟ ସଂଖ୍ୟାଲଘୁ ବିକାଶ୍ ଆଉ ଆର୍ଥିକ୍ ନିଗମ୍ ଜରିଏ ୧ ଲାଖ୍ ୭୪ ହଜାର୍‌ନୁ ଅଏତ୍‌କା ହିତାଧିକାରୀଙ୍କୁ ୭ ଶହ ୫୨ କୋଟି ନୁ ଅଏତ୍‌କା ଟଙ୍କା ବଂଟାଯିବାର୍ ସହେତେ ପଛୁଆ ବର୍ଗର୍ ଲୁକ୍‌କୁ ରିହାତି ଦର୍‌ଥି ଋଣ ଦିଆଯାଉଛେ । ହଜ୍ ସୁବିଧା ଆପ୍ ଆଉ ହଜ୍ ସ୍ୱେଚ୍ଛାସେବୀ ତାଲିମ୍ କାର୍ଯ୍ୟକ୍ରମ୍ ତୀର୍ଥଯାତ୍ରୀମାନ୍‌କୁ ବହୁତ୍ ସାହାଜ୍ କରୁଛେ । ସ୍ୱଚ୍ଛତା ଆଉ ସୁଶାସନ୍‌କେ ବର୍‌କସ୍ କର୍‌ବାର୍ ଲାଗି ଐତିହାସିକ୍ ୱାକ୍‌ଅପ୍ ସଂଶୋଧନ୍ ଆଇନ୍ ୨୦୨୫ ଅନାଯାଇଛେ । ଇତାର୍‌ସହେତେ ଉମିଦ୍ ପୋର୍ଟାଲ୍ ମୁଲ୍ କରିକରି ୱାକ୍‌ଅପ୍ ସମ୍ପତି ଲାଗି ଡିଜିଟାଲ୍ ପରିଚାଲନାର୍ ନୂଆଁ ଅଧ୍ୟାୟ ମୁଲ୍ କରାଯାଇଛେ । ଏଛନିର୍ ସମିଆଥି ଅନ୍ତର୍ଭୁକ୍ତି ଖାଲି ଗୁଟେ ନୀତି ନୁହେଁସେ ପ୍ରତିଶ୍ରୁତି ହେଇଛେ ।

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ମୁଇଁ ବିସ୍ମିତା ପ୍ରଧାନ୍ ।

ଧର୍ମେନ୍ଦ୍ର ପ୍ରଧାନ-ଖଇର୍ ବୈଠକ୍ ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ନୂଆଦିଲ୍ଲୀ ଠାନେ କେନ୍ଦ୍ର ଗୃହ ନିର୍ମାଣ୍ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରୀ ମନୋହର୍ ଲାଲ୍ ଖଟ୍ଟରଙ୍କୁ ଭେଟିକରି ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆଉ ଦେବ୍‌ଗଡ୍ ପୌରପାଳିକାକେ ପଂଚଦଶ ଅର୍ଥ କମିଶନ୍‌ର ଅନୁଦାନ୍ ଟଙ୍କା ଦେବାର୍‌କେ ଅନୁରୋଧ୍ କରିଛନ୍ । ସମ୍ବଲ୍‌ପୁର୍ ଆଉ ଦେବ୍‌ଗଡ୍ ଠାନେ ଇ ମୌଳିକ୍ ଅନୁଦାନ୍ ଟଙ୍କାଥି ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ସହରାଂଚଲ୍ ସୌନ୍ଦର୍ଯ୍ୟୀ କରଣ୍, ରାସ୍ତାଘାଟ୍ ତିଆର୍ ଆର୍ ଆଲୋକିକରଣ୍ ବାଗିର୍ ସେବାକେ ଆହୁରି ବର୍‌କସ୍ କରାଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇ ଦିଗେ ପଦକ୍ଷେପ୍ ନେବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଖଟ୍ଟର୍ ପ୍ରତିଶ୍ରୁତି ଦେଇଥିବାର୍ ଶ୍ରୀ ପ୍ରଧାନ୍ କହିଛନ୍ ।

ସମ୍ବିଧାନ୍ ହତ୍ୟା ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

୧୯୭୫ ମସିହା ଜୁନ୍ ୨୫ ତାରିଖ୍ ଦିନ କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶେ ଜରୁରୀ କାଲୀନ୍ ଥିତି ଜାରି କରିଥିଲେ । ଭାରତର୍ ଜରୁରୀ ଥିତି ଦେଶର୍ ଏନ୍ତା ଗୁଟେ ସମିଆ ଥିଲା, ଯେନ୍ ସମିଆଥି ସାଧାରଣ ଲୁକ୍‌କର ପାଖେ

କେନ୍‌ସି ଭିଲ୍ ସ୍ୱାଧୀନତା ନାଇଁ ଥାଇ । ନାଗରିକମାନ୍‌ଙ୍କର ଅଧିକାର ଭିଲ୍ କ୍ଷୁଣ୍ଣ କରି ଦିଆଯାଇଥିଲା । ବିରୋଧୀମାନଙ୍କୁ ଜେଲ୍ ନ ଭରି ଦିଆଯାଇଥିଲା । ଇ ସମିଆଥି ଗଣମାଧମର ସ୍ୱାଧୀନତା ଭିଲ୍ ରଦ୍ଦ କରାଯାଇଥିଲା । ଲୁକ୍‌କର ଉପ୍‌ରେ ହେଇଥିବା ଇ କାର୍ଯ୍ୟାନୁଷ୍ଠାନକେ କେନ୍ଦ୍ର ସରକାର ଭାରତୀୟ ଗଣତନ୍ତ୍ରର କନା ଅଧ୍ୟାୟ ଭାବେ ବିବେଚନା କରି କରି ସମ୍ବିଧାନ୍ ହତ୍ୟା ଦିସବ୍ ପାଲନ୍ କରୁଛନ୍ ।

ଦେଶର ସେ ଜରୁରୀ ଥିତିକେ ବିରୋଧ କରି କରି ଜେଲ୍ ଯାଇଥିବା ସେନ୍ତା ଝନେ ବ୍ୟକ୍ତି ହେଲେ ଝାରସୁଗୁଡ଼ା ଜିଲ୍ଲା ସରବାହାଲ୍ ଇଲାକାର୍ ଗଙ୍ଗା ପ୍ରସାଦ ମିଶ୍ର । ଜରୁରୀ ଥିତି ସମିଆର୍ କିଛି ଅନ୍‌ଶୁନା କଥା ଆସୁନ୍ ଆମେ ତାଙ୍କର୍‌ଠାନୁ ଶୁନ୍‌ମା ।

(ଭଏସ୍ ଓଭର୍-ଗଙ୍ଗା ପ୍ରସାଦ ମିଶ୍ର)

ଘଣାଲାଗି ନୀତି -ଖଳିବିଜେ                ପୁରୀ ସମ୍ବାଦଦାତା

ଅଷାଢ୍ ମାସର୍ ଅନ୍ଧାର୍ ପଖର୍ ତ୍ରୟୋଦଶୀ ତିଥି ଦିନ ପୁରୀ ନ ଆଏଜ୍ ମାହାପୁରୁମାନ୍‌କର ଘଣାଲାଗି ନୀତି ହେବାର୍ ସହେତେ ଶୁଦ୍ଧ ସୁଆରଙ୍କର୍ ଘରୁ ଶ୍ରୀମନ୍ଦିର୍‌କେ ଖଳିବିଜେ

କରାଯାଇଛେ । ପରମ୍ପରା ଅନ୍‌ସାରେ ଗଲାକାଏଲ୍ ଶୁଦ୍ଧ ସୁଆରଙ୍କର୍ ଘରେ ଦିବ୍ୟ ପ୍ରଲେପ ଖଳି ତିଆର୍ କରାଯାଇଥିଲା । ଆଏଜ୍ ମାହାପୁରୁମାନ୍‌କର୍ ଘଣାଲାଗି ନୀତି ଉତ୍‌ରୁ ସେହି ଖଳିକେ ଶୁଦ୍ଧ ସୁଆରଙ୍କର୍ ଘରୁ ଅନାଯାଇକରି ସୂର୍ଯ୍ୟାସ୍ତ ଆଘୋନୁ ଶ୍ରୀମନ୍ଦିର୍‌କେ ବିଜେ କରାଯାଇଛେ । ତାର୍ ଉତ୍‌ରୁ ଖଳିଲାଗି କରାଯିବାର୍‌ନୁ ମାହାପୁରୁମାନ୍‌କର୍ ଶ୍ରୀମୁଖ ଓଡା ହେଇଛେ ।

ଅଭିଯୋଗ୍ ଶୁଣାଣି ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ତଳଗାଁ ପଂଚାୟତ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର ହେଇଥିଲା । ଶିବିର୍‌ଥି ଶହେ ୧୦ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୬୫ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

କୃଷି - ଜଲ୍‌ସେଚନ୍ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର ସମ୍ମିଳନୀ କକ୍ଷ ଠାନେ ଓଡ଼ିଶା ସମନ୍ୱିତ ଜଳସେଚନ୍ ପ୍ରକଳ୍ପ ଆଉ ଜଲ୍‌ବାୟୁ ସହନଶୀଳ ଚାଷ କାର୍ଯ୍ୟକ୍ରମ୍ - ଓଇପ୍ରିକା ର ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜଲ୍‌ବାୟୁ ପରିବର୍ତନ୍ ଭିତ୍‌ରେ ଉନ୍ନତ୍ ଜ୍ଞାନ୍ କୌଶଲ୍‌ଥି ଚାଷ୍ ପ୍ରଣାଲୀ ଆଉ ଉତ୍ପାଦନ୍ ବଢ଼ାବାର୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା ।

ଅନ୍ତର୍ଜାତିୟ ଅଲମ୍ପିକ୍ସ ଦିବସ ଏନ୍‌ଏସ୍‌ଡି

ଅନ୍ତର୍ଜାତିୟ ଅଲମ୍ପିକ୍ସ ଦିବସ୍ ଅବ୍‌ସରେ ଆଏଜ୍ କ୍ରିକେଟ୍ ଖେଲ୍‌କେ ଅଲମ୍ପିକ୍ସଥି ସାମିଲ୍ କରାଯାଇଛେ । ଇ ବାବ୍‌ଦେ ଭାରତୀୟ କ୍ରିକେଟ୍ କଂଟ୍ରୋଲ୍ ବୋର୍ଡ଼ ବିସିସିଆଇ ତରଫୁ ସୂଚ୍‌ନା ଦିଆଯାଇଛେ । କ୍ରିକେଟ୍‌କେ ଅଲମ୍ପିକ୍ସଥି ସାମିଲ୍ କରାଯିବାର୍‌ଟା ଗୁଟେ ଐତିହାସିକ୍ ପଦକ୍ଷେପ୍ ବଲି ବିସିସିଆଇ ବର୍ଣ୍ଣନା କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ ବଡ଼ଭାଗୀ ଇଲାକା ନ ବର୍ଷା ହଉଛେ । ସେନ୍ତା ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ଇତାର୍ ପାଖାପାଖି ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ବନ୍‌ବାର୍ ସମ୍ଭାବନା ଦେଖାଦେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୬ ଦିନ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ।